**ସଂକ୍ଷେପରେ**

## ଗାଡ଼ି ଧକ୍କାରେ ମା, ପୁଅ ମୃତ

ଛତ୍ରପୁର, ୧୧।୫ (ଦିଲୀପ ସାମଲ): ଚମାଖଣ୍ଡି ଥାନା ଅନ୍ତର୍ଗତ ରଘୁନାଥପୁର ଛକ ନିକଟ ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖ ଜାତୀୟ ରାଜପଥରେ ଶନିବାର ସଡ଼କ ଦୁର୍ଘଟଣାରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ ମାଟିଖାଲ ଗ୍ରାମର ଖଗେଶ୍ୱର ସାହୁ ଓ ତାଙ୍କ ମା' ରମାଦେବୀ ସାହୁ। ଖଗେଶ୍ୱର ଏକ ବାଇକ୍ ଯୋଗେ ବ୍ରହ୍ମପୁରରୁ ନିଜ ଗ୍ରାମ ମାଟିଖାଲ ଅଭିମୁଖେ ଆସୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଚମାଖଣ୍ଡି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ଏନେଇ ଚମାଖଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଚମାଖଣ୍ଡି ଥାନାର ଏଏସ୍‌ଆଇ ଅରୁଣ କୁମାର ରାଉତ ସୂଚନା ଦେଇଛନ୍ତି।

## ସ୍ତ୍ରୀକୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ବୁଗୁଡା, ୧୧।୫(କାଳିଚରଣ ଦାଶ)

ବୁଗୁଡା ଥାନା ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମରେ ଜଣେ ବିବାହିତା ମହିଳାଙ୍କୁ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ମୃତା ମହିଳା ଜଣକ ହେଲେ ଧରିତ୍ରୀ ସାହୁ ଏବଂ ଗିରଫ ବ୍ୟକ୍ତି ଜଣକ ହେଲେ ତାଙ୍କ ସ୍ୱାମୀ ଜିତେନ୍ଦ୍ର ସାହୁ (୨୫)। ଏ ନେଇ ପୋଲିସ ଥାନାରେ ନଂ. ୩୧୨/୨୪ରେ ଏକ ମାମଲା ରୁଜୁ ହୋଇଛି। ଗତ ଗୁରୁବାର ବିଳମ୍ବିତ ରାତିରେ ବିଷପାନ ଯୋଗୁ ଧରିତ୍ରୀ ଗୁରୁତର ହୋଇପଡିଥିଲେ। ତାଙ୍କୁ ଭଞ୍ଜନଗର ମେଡିକାଲକୁ ନିଆଯାଇଥିଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଗାଙ୍ଗପୁର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମର ଧରିତ୍ରୀଙ୍କ ଅଜା ଅଭି ସ୍ୱାଇଁ ଏହା ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିବା ବେଳେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଆସିକାରେ ୩୯ଟି ମାମଲା ଫଇସଲା

ଆସିକା ୧୧।୦୫ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ଅନୁଷ୍ଠିତ ରାଷ୍ଟ୍ରିୟ ଲୋକ ଅଦାଲତରେ ୩୯ଟି ମାମଲାର ଫଇସଲା କରାଯାଇ ୩୮ଲକ୍ଷ ୨୫ହଜାର ୪୩୦ ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି । ଫଇସଲା ହୋଇଥିବା ମାମଲା ମଧ୍ୟରେ ଗୋଟିଏ ଫୌଜଦାରୀ ମାମଲା, ୫ଟି ଚେକ ଦେଣନେଣ ମାମଲା, ୫ଟି ଅର୍ଥ ଆଦାୟ, ୨ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲା, ୩ଟି ବୈବାହିକ ସମ୍ବନ୍ଧ ସମ୍ପର୍କିତ ମାମଲା, ଗୋଟିଏ ଦେୱାନୀ ମାମଲା ଓ ୨୨ଟି ଏଫଆରଟି ମାମଲା ରହିଥିବା ଜଣାପଡିଛି । ଆସିକା ତାଲୁକା ଆଇନ ସେବା ପ୍ରାଧୀକରଣ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ ପ୍ରବୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା ଓ ଶ୍ୱେତା ଦାସ ଉପସ୍ଥିତ ରହି ମାମଲାର ବିଚାର କରିଥିଲେ।

# ବ୍ରହ୍ମପୁରରେ ସରିଲା ଖୋଲା ଭୋଟ ପ୍ରଚାର

ବ୍ରହ୍ମପୁର, ୧୧।୫(ନରସିଂହ ସାହୁ) ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଖୋଲା ପ୍ରଚାର ଶନିବାର ସନ୍ଧ୍ୟାରେ ସରିଛି। ପ୍ରାର୍ଥୀ ଓ ସମର୍ଥକମାନେ ସାହିକୁ ସାହି ଓ ଘରକୁ ଘର ଯାଇ ଆଶୀର୍ବାଦ ମାଗୁଛନ୍ତି। ଦୀର୍ଘ ଦିନ ଧରି ଚାଲିଥିବା ଭୋଟ ପ୍ରଚାର ଓ ମାଇକ ଗର୍ଜନ ବନ୍ଦ ହୋଇଥିବାରୁ ଆଶ୍ୱସ୍ତି ମିଳିଛି। ପୂର୍ବାହ୍ନରେ ଭାଜପା ପକ୍ଷରୁ ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାରଙ୍କ ନେତୃତ୍ୱରେ ବିଶାଳ ବାଇକ ରାଲି ନିର୍ବାଚନୀ କାର୍ଯ୍ୟାଳୟ ଠାରୁ ବାହାରିଥିଲା। ମହାନଗର ସାରା ପରିକ୍ରମା ପରି ପଦ୍ମଫୁଲ ସପକ୍ଷରେ ପ୍ରଚାର କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଶୋଭାଯାତ୍ରା ମଧ୍ୟ ମହାନଗରର ୧ ରୁ ୩୬ ନଂ ୱାର୍ଡ ପରିକ୍ରମା ସହ ଆସନ୍ତା ୧୩ରେ ହେବାକୁ ଥିବା ମତଦାନ ବେଳେ ଶଙ୍ଖ ଚିହ୍ନକୁ ସମର୍ଥନ କରିବାକୁ ନିବେଦନ କରାଯାଇଥିଲା। କଂଗ୍ରେସ ଲୋକସଭା ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକଙ୍କ ବାଇକ ରାଲି ଦଳର ଜିଲା କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇ ସବୁ ଅଞ୍ଚଳ ବୁଲିଥିଲା। ଶଙ୍ଖ ଓ ପଦ୍ମ ଦଳକୁ ଟାର୍ଗେଟ କରି ହାତ ଚିହ୍ନକୁ ସହଯୋଗ ପାଇଁ ପ୍ରଚାର କରାଯାଇଥିଲା। ବ୍ରହ୍ମପୁର ମଇଦାନରେ ୮ ସ୍ୱାଧୀନଙ୍କ ସମେତ ୧୭ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ସବୁ ପ୍ରାର୍ଥୀଙ୍କ ମଧ୍ୟ ଖୋଲା ପ୍ରଚାରର ଅନ୍ତ ଘଟିଛି। ସନ୍ଧ୍ୟାରୁ ପ୍ରାର୍ଥୀଙ୍କ ଜିତ ପରାଜିତ ନେଇ ବିଭିନ୍ନ ମହଲରେ ଆକଳନ ଆରମ୍ଭ ହୋଇଯାଇଛି। ଗତ ୬ ତାରିଖ ପ୍ରଧାନମନ୍ତ୍ରୀଙ୍କ କନିଷି ଜନ ସମାବେଶ ପରେ ଭାଜପା ପ୍ରାର୍ଥୀ ଓ କର୍ମୀମାନେ ଏଥର ରାଜନୀତି ପରିବର୍ତ୍ତନ ହେବାର ଗଭୀର ଆଶାବାଦୀ ହୋଇଛନ୍ତି। ରେଶମ ନଗରରେ ପଦ୍ମ ଫୁଟିବ ବୋଲି ଉତ୍ସାହିତ ହୋଇଯାଇଛନ୍ତି। ବିଜେଡି ପକ୍ଷରୁ ୨୪ ବର୍ଷର ନବୀନ ସରକାରରେ ବ୍ରହ୍ମପୁରରେ ହୋଇଥିବା ବହୁମୁଖୀ ବିକାଶର ପ୍ରଚାର ହେଉଛି। ପୁଣି ଶଙ୍ଖ ବାଜିଲେ ଅଧିକ ବିକାଶ ହେବାର କୁହାଯାଇଛି। ତେବେ ପ୍ରାର୍ଥୀ ଚୟନ ଆରମ୍ଭରୁ ଦଳରେ ଅସନ୍ତୁଷ୍ଟ ସଂଖ୍ୟା ବଢ଼ିଛି ଓ ଜଣାଶୁଣା କେତେକ ନେତା ଓ କର୍ମୀ ବିଜେଡି ଛାଡ଼ି ଭାଜପାରେ ମିଶିଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ତଥାପି ନବୀନଙ୍କ ବିକାଶମୁଖୀ କାର୍ଯ୍ୟ ପାଇଁ ପୁନର୍ବାର ବିଜେଡିକୁ ଭୋଟର ସମର୍ଥନ କରିବାର ଚ୍ୟାଉ ବାବୁ ଓ ତାଙ୍କ ଶିବିର ଆଶା ପ୍ରକଟ କରୁଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କ ପକ୍ଷରୁ ଉଭୟ ବିଜେଡି ଓ ଭାଜପା ବିରୋଧରେ ପ୍ରଚାର କରାଯାଉଛି। ଗତ ୭ ସାଧାରଣ ନିର୍ବାଚନରେ ହାତ ଚିହ୍ନରେ ଲଢ଼ିଥିବା ପ୍ରାର୍ଥୀମାନେ ପରାଜୟର ସ୍ୱାଦ ଚାଖିଥିବା ଏବଂ ୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ଅମାନତ ନଥିବାରୁ ଏଥର ଫଳାଫଳ କ'ଣ ହେବ ସେଥିପାଇଁ ଜୁନ ୪ ତାରିଖକୁ ଅପେକ୍ଷା କରାଯାଇଛି। ଭୋଟ ପ୍ରଚାର ମଇଦାନରେ ସ୍ୱାଧୀନ ପ୍ରାର୍ଥୀ ଶିବ ଶଙ୍କର ଦାସଙ୍କ ଶାଣିତ ଭାଷାରେ ଭାଜପା ଓ ବିଜେଡିକୁ ସମାଲୋଚନା ଉଭୟ ଦଳକୁ ମୁଣ୍ଡବ୍ୟଥା ବଢ଼ିଯାଇଛି।

## ଭାଜପାର ନିର୍ବାଚନ ପ୍ରଚାର


ଭାଜପା କର୍ମୀମାନେ ପ୍ରଚାର କରୁଛନ୍ତି।

ଆସିକା, ୧୧।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ସରୋଜ ପାଢୀଙ୍କ ପକ୍ଷରୁ ଶୁକ୍ରବାର ଆସିକା ବ୍ଲକର ପାଣ୍ଡିଆପଥର, ସିଦ୍ଧନୟୀ, ବାବନପୁର, ଖାରିଆ ଓ ଆଲିପୁର ପଞ୍ଚାୟତରେ ପ୍ରଚାର ଅଭିଯାନ ଜୋରଦାର କରାଯାଇଥିଲା। କର୍ମୀଙ୍କ ଗହଣରେ ପ୍ରାର୍ଥୀ ପାଢୀ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିଥିଲେ। କେନ୍ଦ୍ରର ସମସ୍ତ ଯୋଜନାକୁ ବିଜେଡି କିଭଳି ନିଜର କହି ଜନସାଧାରଣଙ୍କୁ ଭ୍ରମିତ କରୁଛି ସେ ସମ୍ପର୍କରେ କହିବା ସହ ମତଦାତାମାନେ କୌଣସି ପ୍ରଲୋଭନରେ ନପଡି ଆସିକା ଅଞ୍ଚଳର ବିକାଶ ଓ ସ୍ୱାଭିମାନ ରକ୍ଷା ଲାଗି ପଦ୍ମଫୁଲ ଚିହ୍ନରେ ଭୋଟଦେଇ ବିଧାୟକ ପ୍ରାର୍ଥୀ ସରୋଜ ପାଢୀ ଓ ଏମ୍‌ପି. ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀଙ୍କୁ ବିଜୟ କରିବା ଲାଗି ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଦୁର୍ଗାଚରଣ ପଟ୍ଟନାୟକ, ନାରାୟଣ ମୁନି, ଶରତ ଚନ୍ଦ୍ର ପାଢୀ, ଶିବରାମ ପ୍ରଧାନ, ବିଜୟ ସ୍ୱାଇଁ, ସରୋଜ, ଅନିଲ ପରିଡା, ସନ୍ଦିପ ପାଢୀ, ସଙ୍ଗିତ ପାଢୀ ପ୍ରଚାରରେ ସାମିଲ ଥିଲେ।

## ଧନନ୍ତର ପଞ୍ଚାୟତରେ ବିଜେଡିର ପଦଯାତ୍ରା

ଶେରଗଡ, ୧୧।୫(ସୂର୍ଯ୍ୟନାରାୟଣ ଦାଶ):


ପଦଯାତ୍ରା, ପ୍ରଚାରରେ ଯାଉଥିବା ନେତା କର୍ମୀ।

ଶେରଗଡ ବ୍ଲକ ଧନନ୍ତର ପଞ୍ଚାୟତରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ନେତା କର୍ମୀ ସ୍ଥାନୀୟ ନାଥେଶ୍ୱର ମନ୍ଦିର ସମ୍ମୁଖରେ ଏକଜୁଟ ହୋଇଥିଲେ। ପରେ ପଦଯାତ୍ରା ସାଙ୍ଗକୁ ବାଇକ ରାଲି ବାହାରିବା ପରେ ଧନନ୍ତର ଗ୍ରାମ ପରିକ୍ରମା କରିଥିଲେ। ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ବରିଷ୍ଠ ନେତା ହୀନ ବେହେରା, ଅନୀଲ ମହାପାତ୍ର, ମାଧବାନନ୍ଦ ପଣ୍ଡା, ନିରଞ୍ଜନ ଜେନା, ସରପଞ୍ଚ ରାଜେଶ ଜେନା, ମକରା ସ୍ୱାଇଁ, ବାବୁ ପାତ୍ର ସମେତ ବହୁ ନେତା ଉପସ୍ଥିତ ରହି ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ, ଏମପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଧନନ୍ତର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଚାର କରିବା ସହ ଭୋଟ ଭିକ୍ଷା କରିଥିଲେ।

## ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଙ୍କ ଯୋଗଦାନ

ଆସିକା ୧୧।୫ (ସୁରେନ୍ଦ୍ର ନାଥ ସାହୁ):

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତିଶ ଧାୱନ ସ୍ପେସ୍ ରିସର୍ଚ୍ଚ ସେଣ୍ଟରଠାରେ ରବିବାରଠାରୁ ୧୫ଦିନ ଲାଗି ଏକ ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆସିକା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ସାଇ ସୁନ୍ଦର ଗୌଡ ଏହି କାର୍ଯ୍ୟକ୍ରମରେ ଯୋଗଦାନ ଲାଗି ଶନିବାର ଯାତ୍ରା କରିଛନ୍ତି । ଚଳିତ ୧୨ ତାରିଖ ଠାରୁ ୨୬ ତାରିଖ ଯାଏଁ ଶ୍ରୀହରିକୋଟାଠାରେ ଯୋଗଦେଉଥିବା ଏହି ପ୍ରତିନିଧିମାନେ ବିଭିନ୍ନ ପ୍ରକାର ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ୧୫ଦିନ ଯାଏଁ ଅନୁଷ୍ଠିତ ହେଉଥିବା ଏହି ତାଲିମ କାର୍ଯ୍ୟକ୍ରମରେ ସର୍ବଭାରତୀୟ ସ୍ତରରେ ୩୫୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସାଇ ୧୧୫ ସ୍ଥାନରେ ଥିଲେ। ସେ ଆସିକା ଟେକ୍ନିକାଲ ହାଇସ୍କୁଲର କ୍ରୀଡା ଶିକ୍ଷକ କୈଳାସ ଗୌଡ ଓ ମଧୁସ୍ମିତା ଗୌଡଙ୍କ ସାନ ପୁଅ । ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବା ପାଇଁ ଆଗ୍ରହ ପ୍ରକାଶ କରିଥିବା ସାଇଙ୍କୁ ଏହି ସଫଳତା ଲାଗି ପରିବାର ଓ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଦିଗପହଣ୍ଡି, ୧୧।୫(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ଗଡ଼ସାମନ୍ତରାପୁର ଗ୍ରାମର ବିଷ୍ଣୁପ୍ରିୟା ପାତ୍ରଙ୍କୁ ତାଙ୍କ ସ୍ୱାମୀ ସନ୍ତୋଷ କୁମାର ପାତ୍ର ଘରେ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ବିଷ୍ଣୁପ୍ରିୟା ଶୁକ୍ରବାର ବିଳମ୍ବିତ ରାତିରେ ମରିଯିବା ପରେ ତାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ମୃତଦେହ ଉପରେ କିରୋସିନ ଢାଳି ଜାଳି ଦିଆଯାଇଛି। ଶନିବାର ସକାଳେ ଖବର ପାଇ କେ.ନୂଆଗାଁ ଥାନା ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିବା ବେଳେ ଏ ନେଇ ଥାନାରେ ମକଦ୍ଦମା ରୁଜୁ କରାଯାଇଛି। ସନ୍ତୋଷ ତାଙ୍କ ପ୍ରଥମ ସ୍ତ୍ରୀଙ୍କୁ ଅଧିକ ଯୌତୁକ ନିର୍ଯାତନା ଦେଇ ମାରପିଟ କରୁଥିବାରୁ ସେ ତାଙ୍କ ବାପଘରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ତାଙ୍କ ଶୁଦ୍ଧିକ୍ରିୟା ପରେ ଗତ ପ୍ରାୟ ୧୫ ମାସ ପୂର୍ବେ ସନ୍ତୋଷ ସାନଖେମୁଣ୍ଡି ବ୍ଲକ ପ୍ରତାପଗିରି ପେଣ୍ଠ ଗ୍ରାମର ଶ୍ରୀରାମ ପାତ୍ରଙ୍କ କନ୍ୟା ବିଷ୍ଣୁପ୍ରିୟାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହ ସମୟରେ ସ୍ୱାମୀ ସନ୍ତୋଷଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହର କିଛିଦିନ ପରେ ସ୍ୱାମୀ ଅଧିକା ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ଖବର ପାଇ ବିଷ୍ଣୁପ୍ରିୟାଙ୍କ ବାପା ଗ୍ରାମରେ ପହଞ୍ଚି ଭଦ୍ରଲୋକଙ୍କ ଉପସ୍ଥିତିରେ ଯୌତୁକ ବାବଦକୁ ପୁଣି ଦୁଇ ଲକ୍ଷ ଟଙ୍କା ସନ୍ତୋଷଙ୍କୁ ପ୍ରଦାନ କରିଥିଲେ। ଏ ନେଇ ସେ ପୋଲିସକୁ ସମସ୍ତ ସୂଚନା ଦେଇଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ସନ୍ତୋଷଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

## ସରିଲା ପ୍ରଚାର: ଭୋଟ ମାଗିଲେ ଜ୍ୟୋତି, ଦିବ୍ୟା

ରମ୍ଭା, ୧୧।୫(ବନବାସୀ ସେଠୀ)

ବ୍ରହ୍ମପୁର ଲୋକସଭା ଓ ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡିର ସାଧାରଣ ନିର୍ବାଚନ ପ୍ରଚାର ଅବସରରେ ନଗର ସଭାପତି ଶ୍ରୀକାନ୍ତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ରୋଡ଼ ଶୋ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପ୍ରଚାର ଅବସରରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର, ଛତ୍ରପୁର ବିଧାନସଭା ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା, ସିନେ ତାରକା ଜ୍ୟୋତି, ସିନେ ଅଭିନେତ୍ରୀ ଦିବ୍ୟା ଜିପରେ ସମର୍ଥକଙ୍କୁ ଧରି ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଛତ୍ରପୁର ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ପ୍ରଶାନ୍ତ କର, ରମ୍ଭା ଏନ୍‌ଏସିର ପୂର୍ବତନ ନଗରପାଳ ବିଜୟ ଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ସୁରେଶ ଚନ୍ଦ୍ର ନାହାକ, ଜିଲା ମହିଳା ସଭାନେତ୍ରୀ ସୌଦାମିନି ବିଶ୍ୱାଳ, ସୋନିଆ ଦେବୀ, ମହିଳା ସଭାନେତ୍ରୀ ରଶ୍ମିତା ପାତ୍ର, ଯୁବସଭାପତି ଜଗନ ପରିଡ଼ା, ସ୍ୱାଧୀନ କୁମାର ପଣ୍ଡା, ଛାତ୍ର ସଭାପତି (ରମ୍ଭା) କମଲ ଗୌଡ଼, ସୁବାସ ବେଜ, ଶଙ୍କର ବିଶ୍ୱାଳ, କାଉନସିଲର ସମରସେନ ପଣ୍ଡା ଓ ସାଗର ନାହାକ ସମେତ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଯାଏ ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର, କାଉନସିଲର, ଜିଲା ପରିଷଦ ସଭ୍ୟ ସମେତ ଦଳୀୟ ବିଭିନ୍ନ ପଦପଦବୀ ଧାରୀ, କର୍ମୀ, ସମର୍ଥକ ବିପୁଳ ସଂଖ୍ୟାରେ ପ୍ରଚାରରେ ସାମିଲ ହୋଇଥିଲେ।

## ବାଇକ୍ ରାଲିରେ ପ୍ରଚାର କଲେ ବିଧାୟକ ପ୍ରାର୍ଥୀ

ଚିକିଟି, ୧୧।୫(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୧୩ ତାରିଖରେ ଭୋଟ ଗ୍ରହଣ ହେବ। ପ୍ରଚାରର ଶନିବାର ଶେଷଦିନ ହୋଇଥିବା ବେଳେ ଚିକିଟି ନିର୍ବାଚନମଣ୍ଡଳୀ ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଦଳ ତରଫରୁ ପ୍ରାର୍ଥୀ ହୋଇଥିବା ଖବରଦାତା ବିଭୁଧେନ୍ଦ୍ର ପାଢ଼ୀ ରୋଡ୍ ଶୋ' କରିଛନ୍ତି। ଚିକିଟି ପେଣ୍ଠଠାରୁ ଏକ ବିରାଟ ବାଇକ୍ ରାଲି ବାହାରି ପାତ୍ରପୁର ବ୍ଲକ ଜରଡ଼ାଗଡ଼ଠାରେ ପହଞ୍ଚିଥିଲା। ଏକ ଖୋଲାଜିପ୍‌ରେ ଚିକିଟି ଫରୱାର୍ଡ ବ୍ଲକ ପ୍ରାର୍ଥୀ ବିଭୁଧେନ୍ଦ୍ରଙ୍କ ସମେତ ଭୁବନେଶ୍ୱରର ବରିଷ୍ଠ ଖବାରଦାତା ବିଘ୍ନେଶ୍ୱର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଗଞ୍ଜାମ ଜିଲା ଫରୱାର୍ଡ ବ୍ଲକ କୋଷାଧ୍ୟକ୍ଷ ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ବରିଷ୍ଠ ନେତା ସମରଜିତ୍ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

ଆସିକା ୧୧।୦୫ (ସୁରେନ୍ଦ୍ର ନାଥ ସାହୁ):


 କାର୍ଯ୍ୟକ୍ରମରେ ଶପଥପାଠ ।

ଆସିକା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଆସିକା ବ୍ଲକର ୨୭ଟି ପଞ୍ଚାୟତ ଓ ଏନ୍‌ଏସିର ୧୮ଟି ୱାର୍ଡରେ ଥିବା ୨୫୧ଟି ଅଙ୍ଗନୱାଡି କେନ୍ଦ୍ରରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କିଶୋରୀ ବାଳିକାମାନଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହକୁ ନା' ଓ ପାଠ ପଢିବାକୁ ହଁ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କିଶୋରୀମାନେ ଏଥିପ୍ରତି ସଚେତନତା ହେବା ସହ ଯଦି ସେମାନଙ୍କ ସାଙ୍ଗସାଥି ବାଲ୍ୟ ବିବାହ କରୁଥିବା ଦୃଷ୍ଟିକୁ ଆସେ ତୁରନ୍ତ ଜଣାଇବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ବାଲ୍ୟବିବାହ ଦ୍ୱାରା ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ମଧ୍ୟ ସଚେତନ କରାଯିବା ସହ ବାଲ୍ୟ ବିବାହ ନିରୋଧ ଆଇନ ଏବଂ ବାଲ୍ୟବିବାହ ପରବର୍ତ୍ତି ଆଇନଗତ ଦଣ୍ଡବିଧାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ସିଡିପିଓ ଭାଗ୍ୟଲତା ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଲଟିଲା ମିନିବସ୍: ଅଳ୍ପକେ ବର୍ତ୍ତିଲେ ପୋଲିଂ ପାର୍ଟି




ଚିକିଟି/ପାତ୍ରପୁର, ୧୧।୫(ପ୍ରକାଶ ଚନ୍ଦ୍ର ସାହୁ/ଉମାଚରଣ ନେପାକ) ଚିକିଟି ବ୍ଲକ ଅନ୍ତର୍ଗତ ପିତାତଳି ଗ୍ରାମ ନିକଟରେ ଶନିବାର ଏକ ମିନିବସ୍ ଭରସାମ୍ୟ ହରାଇ ଓଲଟିପଡ଼ିଛି। ଏଥିରେ ୨ଜଣ ଆହତ ହୋଇଥିଲେ। ଏକ ମିନିବସ୍ (ନଂ.ଓଆର ୦୯ବି ୦୦୨୬) ବ୍ରହ୍ମପୁରଠାରୁ ମେ' ୧୩ରେ ହେବାକୁଥିବା ନିର୍ବାଚନ ପାଇଁ ୮ ପୋଲିଂ କର୍ମଚାରୀଙ୍କୁ ଧରି ଭାୟା ସୋରଳ ଜଙ୍କ୍‌ଶନ, ପିତାତଳି ଧାନଗର ଦେଇ ଜରଡ଼ା ଯାଉଥିବା ବେଳେ ପିତାତଳି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ପୋଲିସ ପହଞ୍ଚି ଆହତମାନଙ୍କୁ ପାତ୍ରପୁର ବ୍ଲକ ବାଉଳିଆ ଏବଂ ପୁହୁଣ୍ଡି ମତଦାନ କେନ୍ଦ୍ରକୁ ପଠାଇଥିଲେ। ଜିଲାପାଳ ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିର୍ଦ୍ଦେଶ ଦେବାପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା ସମ୍ବିତ ବେହେରା ଡାକ୍ତରଖାନାର ଏକ ଡାକ୍ତର ଟିମ ପଠାଇ ଦୁଇ ବୁଥରେ ଥିବା ୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୨୨୨ ମାମଲା ଫଇସଲା


ମାମଲାର ଫଇସଲା ଚାଲିଛି।

ଭଞ୍ଜନଗର, ୧୧।୫(ବାବୁଲା ପ୍ରଧାନ):

ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ଶନିବାର ଭଞ୍ଜନଗର କୋର୍ଟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୨ଟି ବିଭିନ୍ନ ମାମଲାର ଫଇସଲା କରାଯାଇଛି । ଭଞ୍ଜନଗର ଅତିରିକ୍ତ ଜିଲାଜଜ ତଥା ଅଧ୍ୟକ୍ଷ, ତାଲୁକ ଆଇନ ସେବା କମିଟି ଦେବଦତ୍ତ ପଟ୍ଟନାୟକ, ସବ ଜଜ ସୋମଲିନା ମିଶ୍ର, ଜେଏମଏଫସି ସନ୍ଧ୍ୟା ସୁଚରିତା ମାମଲାଗୁଡ଼ିକୁ ଫଇସଲା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସୋମନାଥ ନାୟକ, ତାଲୁକ ଆଇନ ସେବା କମିଟି ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏସନ ସଭାପତି ଏସ ଏନ ସାହୁ, ଆଇନଜୀବୀ ବଂଶୀଧର ପ୍ରଧାନ ପ୍ରମୁଖ ମାମଲାଗୁଡିକୁ ଫଇସଲା କରିବାରେ ସହଯୋଗ କରିଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନିଲ ମୁଦୁଲି, ଇ. ରାମା ରାଓ, ପବିତ୍ର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ୨୩ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ କରାଯାଇ ୧ କୋଟି ୧୬ ଲକ୍ଷ ୮୫ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ହିତାଧିକାରୀଙ୍କୁ ଦେବା ପାଇଁ ବୀମା କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

## ବେଲେଶ୍ୱର ପୀଠରେ ଜଗନ୍ନାଥ ମନ୍ଦିରର ଶିଳାନ୍ୟାସ

ଭଞ୍ଜନଗର, ୧୧।୫(ବାବୁଲା ପ୍ରଧାନ) ଓଡ଼ିଶା ପ୍ରସିଦ୍ଧ ଭଞ୍ଜନଗର ବେଲେଶ୍ୱର ପୀଠରେ ବିଡେକା ପକ୍ଷରୁ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ । ଶୁକ୍ରବାର ଜଗନ୍ନାଥ ମନ୍ଦିର ପାଇଁ ଶିଳାନ୍ୟାସ କରାଯାଇଛି। ପୂଜାର୍ଚ୍ଚନା ପରେ ଅପରାହ୍ନ ୨ଟାରେ ଶିଳାନ୍ୟାସ ହୋଇଥିଲା। ବିଡ଼େକା ସଭାପତି ଇଂ.ସୀମାଞ୍ଚଳ ସାହୁ, କର୍ମକର୍ତ୍ତା ରବୀନ୍ଦ୍ର ନାଥ ସେଠୀ, ସୁମା ପ୍ରଧାନ, ବିଷ୍ଣୁ ଚରଣ ସାହୁ, ସନ୍ତୋଷ ଗୌଡ଼, ରଶ୍ମି ରଞ୍ଜନ ରଥ, ପ୍ରସନ୍ନ କୁମାର ସ୍ୱାଇଁ, ଶିଳ୍ପୀ ବସନ୍ତ ବେହେରା, ତୋଫାନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଗୁରୁବାର ସନ୍ଧ୍ୟାରେ ସହରରେ କଳସ ଶୋଭାଯାତ୍ରା ହୋଇଥିଲା । ସନ୍ତୋଷ ଗୌଡ଼ କାର୍ଯ୍ୟକ୍ରମର କର୍ତ୍ତା ଥିଲେ। ବିଡ଼େକାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁରୀ ଜଗନ୍ନାଥ ମନ୍ଦିର ଭଳି ଉକ୍ତ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ।



ଜଗନ୍ନାଥ ମନ୍ଦିରର ଶିଳାନ୍ୟାସ ଉତ୍ସବ ଚାଲିଛି ।

ମାତ୍ର ଉଚ୍ଚତା ୬୧ ଫୁଟ ରଖାଯିବ। ଏଥିସହ ଅରୁଣ ସ୍ତମ୍ଭ, ରୋଷେଇ ଘର, ଆନନ୍ଦ ବଜାର, କମଳା, ବିମଳା ମନ୍ଦିର, ୨୨ ପାହାଚ ନିର୍ମାଣ ହେବ । ବେଲେଶ୍ୱର ପାହାଡ଼ ଉପରେ ପ୍ରାୟ ଏକ ଏକର ଜମି ଉପରେ ତାହା ନିର୍ମାଣ କରିବା ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ବେଲେଶ୍ୱର ପୀଠରେ ବିଭିନ୍ନ ଠାକୁର ପୂଜା ପାଉଛନ୍ତି। ରାଜ୍ୟର ସର୍ବୋଚ୍ଚ ଶିବ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି । ବେଲେଶ୍ୱର ପୀଠକୁ ଲାଗି ଅତ୍ୟାଧୁନିକ ବିଜୁ ପଟ୍ଟନାୟକ ପାର୍କ ଏବଂ ୱାଟର ପାର୍କ ଅଛି । ତେଣୁ ଏହି ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କ ଖପରି, କଙ୍କାଳ ଜବତ

ଗୋପାଳପୁର,୧୧।୫(ନବୀନ ରାଜ ଆଚାରୀ) ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଝିଙ୍କିପଦର ଗ୍ରାମ ନିକଟ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ଖପୁରୀ ଓ କଙ୍କାଳକୁ ପୋଲିସ ଶନିବାର ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ ପୋଲିସ ନଂ. ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ ଯେ, ଏହା ୧୦ରୁ ୧୫ ଦିନ ହେଲା ଏଠାରେ ପଡି ରହିଥିବା ଅନୁମାନ କରାଯାଉଛି। ବନ୍ୟଜନ୍ତୁ ଖାଇ ଦେଇଥିଲେ ବି ଏହା ଜଣେ ବୃଦ୍ଧ ଲୋକର ବୋଲି ସନ୍ଦେହ କରାଯାଉଥିବା ସେ କହିଛନ୍ତି।

### ଟଙ୍କା, ମୋବାଇଲ ଚୋରି

ବ୍ରହ୍ମପୁର,୧୧।୫ (ସୁବାସ ଚନ୍ଦ୍ର ପାଢ଼ୀ): ସିଦ୍ଧାର୍ଥନଗର ୩ୟ ଗଳିର ଏକ ନିର୍ମାଣାଧୀନ କୋଠାଘରୁ ଟାଇଲ ମିସ୍ତ୍ରୀ ସନ୍ତୋଷ କୁମାର ସାହୁଙ୍କ ନଗଦ ୧୫ ହଜାର ଟଙ୍କା ଓ ୨ଟି ମୋବାଇଲ ଚୋରି ହୋଇଛି। ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି । ପାଟପୁର ଥାନା ପଳାଶପଲ୍ଲୀର ସନ୍ତୋଷ ସିଦ୍ଧାର୍ଥନଗରରେ ଜଣେ ବ୍ୟକ୍ତିଙ୍କ ଘର କାର୍ଯ୍ୟରେ କିଛି ଦିନ ହେବ ନିୟୋଜିତ ଥିଲେ। ଗତ ୯ ତାରିଖ ରାତିରେ ସନ୍ତୋଷ ଖାଇ ସାରି ଉକ୍ତ ଘରର ଛାତ ଉପରେ ଶୋଇଥିଲେ । ରାତି ଅଧରେ କୌଣସି ଦୁର୍ବୃତ୍ତ ସନ୍ତୋଷଙ୍କ ନିକଟକୁ ଯାଇ ମୋବାଇଲ ଓ ତାଙ୍କ ବ୍ୟାଗରେ ଥିବା ଟଙ୍କା ଚୋରି କରି ନେଇ ଯାଇଥିବା ସେ ଶୁକ୍ରବାର ଜାଣିବାକୁ ପାଇଥିଲେ। ପୋଲିସ ନଂ. ୧୪୮/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି ।

### ପାଣିରେ ବୁଡି ନିଖୋଜ ନାବାଳକଙ୍କ ମୃତଦେହ ଜବତ

ମୋହନା,୧୧।୫(ମନ୍ମଥ ମିଶ୍ର) ଗଜପତି ଜିଲା ଅଡବା ହରଭଙ୍ଗି ଡ୍ୟାମରେ ଗାଧୋଇବା ବେଳେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିବା ଜଣେ ନାବାଳକଙ୍କ ମୃତଦେହ ଜବତ କରାଯାଇଛି। ନିଖୋଜ ନାବାଳକ ଜଣକ ହେଲେ, ଅଡବା ଥାନା ମଝିକିଗୁଁଧ ଗାଁର ରନ ବଳିଆରସିଂ। ଶନିବାର ଡ୍ୟାମ ନିକଟରେ ବେଲାଙ୍କିନି ମା'ଙ୍କର ଏକ ଯାତ୍ରା ଚାଲିଥିବା ବେଳେ ଅପରାହ୍ନରେ ତିନି ଜଣ ନାବାଳକ ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ନାବାଳକ ଜଣକ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ମୋହନା ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ୩ ଘଣ୍ଟା ପାଣିରେ ଖୋଜା ଖୋଜି କରିବା ପରେ ନାବାଳକଙ୍କ ମୃତଦେହକୁ ବାହାର କରିଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଅଡବା ଥାନା ପକ୍ଷରୁ ସୂଚନା ମିଳିଛି।

### ନାମଯଜ୍ଞ

ଆସିକା,୧୧।୫ (ସୁରେନ୍ଦ୍ର ନାଥ ସାହୁ) ଆସିକା ବ୍ଲକ ଅନ୍ତର୍ଗତ ଦାସନାପଲ୍ଲୀ ଗ୍ରାମରେ ଅକ୍ଷୟ ତୃତୀୟ ଅବସରରେ ଗ୍ରାମର ତୁଳସୀ ମଣ୍ଡପରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। କବିଚନ୍ଦ୍ର ମହନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଙ୍ଗା ଆବାହନ, କଳସ ପୂଜା, ଶ୍ରୀଚୈତନ୍ୟ ନିତ୍ୟାନନ୍ଦ ପୂଜା, ଦ୍ୱାଦଶ ଗୋପାଳ ପୂଜା, ଅଷ୍ଟଶଖୀ ପୂଜା, ମୃଦୁଙ୍ଗ ପୂଜା, ବୃନ୍ଦାବତୀ ପୂଜା ଓ ଷଡଗୋସ୍ୱାମୀ ପୂଜନ ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଯୁବନେତା ନଚିକେତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ, ସନ୍ତୋଷ ନାହାକ, ଶିବ ନାହାକଙ୍କ ସମେତ ବହୁ ଯୁବ ଗୋଷ୍ଠି ସାମିଲ ଥିଲେ।

# ଶେଷ ଦିନରେ ଭୋଟ ମାଗିଲେ ଅଭିନେତା ଅଭିନେତ୍ରୀ



ବିଜେଡି ପ୍ରାର୍ଥୀ ରୂପେଶ କୁମାର ପାଣିଗ୍ରାହୀ



ଭାଜପା ପ୍ରାର୍ଥୀ କେ. ନାରାୟଣ ରାଓ

ପାରଳାଖେମୁଣ୍ଡି, ୧୧।୫ (ଗିରିଧାରୀ ପରିଛା): ଗଜପତି ଜିଲାରେ ଦୁଇଗୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଓ ମୋହନା ନିର୍ବାଚନ ମଣ୍ଡଳୀ ରହିଛି। ଆସନ୍ତା ୧୩ ତାରିଖରେ ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ଭୋଟଗ୍ରହଣ ହେବ। ତେଣୁ ଶନିବାର ପ୍ରଚାରର ଶେଷ ଦିନରେ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ନିଜ ନିଜ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସିନେ ତାରକାଙ୍କୁ ନେଇ ଭୋଟ ଭିକ୍ଷା କରିଛନ୍ତି। ବିଜେଡି ପକ୍ଷରୁ ଅଭିନେତା ଜ୍ୟୋତି ରଞ୍ଜନ ନାୟକ ଓ ଅଭିନେତ୍ରୀ ଦିବ୍ୟା ସହରର ପ୍ରତ୍ୟେକ ଗଳିକନ୍ଦି ବୁଲି ବିଜେଡି ବିଧାୟକ ପ୍ରାର୍ଥୀ ରୂପେଶ କୁମାର ପାଣିଗ୍ରାହୀଙ୍କ ପାଇଁ ଭୋଟ ଭିକ୍ଷା କରିଥିବା ବେଳେ ଭାଜପା ପକ୍ଷରୁ ନ୍ୟାସନାଲ ଆପନୀ ପାର୍ଟିର ବିଧାୟକ ପ୍ରୀତିଲତା ପଟ୍ଟନାୟକ ଷ୍ଟାର ପ୍ରଚାରକ ଭାବେ ପ୍ରତେକ ୱାର୍ଡ ସହ ସହରର ମୁଖ୍ୟ ରାସ୍ତାରେ ବୁଲି ବିଧାୟକ ପ୍ରାର୍ଥୀ କେ. ନାରାୟଣ ରାଓଙ୍କୁ ବହୁ ମାତ୍ରାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଛନ୍ତି। ସେହିପରି କଂଗ୍ରେସର ବିଧାୟକ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ନିଜ ନିଜ ସମର୍ଥକଙ୍କ ସହ ମିଶି ସହର ପରିକ୍ରମା କରି ନିଜ ପାଇଁ ଭୋଟ ଭିକ୍ଷା କରିଥିବା ଦେଖିବାକୁ ମିଳିଛି।

# ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣୀ, ଏମ୍‌ପି ପ୍ରାର୍ଥୀ ରଞ୍ଜିତାଙ୍କ ପ୍ରଚାର



ବିଜେଡି ପ୍ରାର୍ଥୀଙ୍କ ପ୍ରଚାର।

ଖଲ୍ଲିକୋଟ,୧୧।୫(ପ୍ରଶାନ୍ତ କୁମାର ମିଶ୍ର) ଭୋଟ ଗ୍ରହଣ ଦିନ ପାଖେଇ ଆସୁଥିବା ବେଳେ ବିଜେଡି ଓ ଭାଜପା ନିର୍ବାଚନ ପ୍ରଚାର ଜୋରଦାର ହେଉଛି। ବିଜେଡି ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣୀ ବୈଦ୍ୟ ଓ ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁ ଶନିବାର ମିଳିତ ଭାବେ ଖଲ୍ଲିକୋଟ ବ୍ଲକ ୧୨ ନମ୍ବର ଜିଲା ପରିଷଦ ଜୋନରେ ଦମଦାର ପ୍ରଚାର କରିଛନ୍ତି। ଉଭୟ ପ୍ରାର୍ଥୀ ୧୨ ନମ୍ବର ଜୋନର ମଥୁରା, କଞ୍ଚଣା, ନାଇକାଣିପଲ୍ଲୀ, ତାଳପଡା, ବିଏନପୁର, ଦାନପୁର, କୋମଣ୍ଡ, ବାଣିଆ, ଚିକିଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ନବୀନ ସରକାରର ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଉଭୟ ପ୍ରାର୍ଥୀଙ୍କ ସହ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରୀ ପାଣ୍ଡି, ତୁଳସୀପୁର ସରପଞ୍ଚ ସିକ ପାଣ୍ଡି, ବିଜେଡି ନେତା ରତ୍ନାକର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁଙ୍କ ସମେତ ଶତାଧିକ ସମର୍ଥକ ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ପୋଲସରା ବିଧାନସଭା ନିର୍ବାଚନ ମଇଦାନରେ ୯ ପ୍ରାର୍ଥୀ

ବୁଗୁଡା,୧୧।୫(କାଳିଚରଣ ଦାଶ)

ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ତଥା ଚଳିତ ମାସ ୨୦ ତାରିଖରେ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୬୩ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଏଥି ପାଇଁ ୯ ଜଣ ପ୍ରାର୍ଥୀ ରହିଥିବା ଜଣାଯାଇଛି। ବିଜେଡିରୁ ଶ୍ରୀକାନ୍ତ ସାହୁ, ଭାଜପାରୁ ଗୋକୁଳାନନ୍ଦ ମଲ୍ଲିକ, ଭାରତୀୟ ଜାତୀୟ କଂଗ୍ରେସରୁ ଅଗସ୍ତି ବରାଡ, ବହୁଜନ ସମାଜ ପାର୍ଟିରୁ ପି.କୈଳାସ ଚନ୍ଦ୍ର ପାତ୍ର ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଅକ୍ଷୟ କୁମାର ରାଉତ, ଜଗନ୍ନାଥ ସାମଲ, ନାରାୟଣ ସାହୁ, ନିରାକାର ନାୟକ ଓ ରାଜୀବ କୁମାର ଜେନା ପ୍ରମୁଖ ପୋଲସରା ବିଧାନସଭା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୨,୪୮,୯୩୭ ଜଣ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୯୪୦୭ ପୁରୁଷ, ୧୧୯୫୨୨ ମହିଳା ଏବଂ ୮ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଉକ୍ତ ନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ରହିଥିଲେ ହେଁ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ଲଢେଇ ଜୋର ଧରିଛି।



ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର।

### ପୋଖରୀରେ ବୁଡ଼ି ଯୁବକ ମୃତ

ଗୋପାଳପୁର,୧୧।୫(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ଗୋଳନ୍ଥରା ଗ୍ରାମରେ ଶୁକ୍ରବାର ଗାଧୋଉଥିବା ବେଳେ ଜଣେ ଯୁବକଙ୍କ ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ ଦାଣ୍ଡ ସାହିର ଓକିଲ ପ୍ରଧାନ (୪୨) ବୋଲି ପୋଲିସ କହିଛି। ଅପରାହ୍ନ ପ୍ରାୟ ସାଢେ ୨ଟା ବେଳେ ଓକିଲ ସାଇକେଲ ନେଇ ଗାଁର ଚାକା ବନ୍ଧକୁ ଗାଧୋଇବାକୁ ଯାଇ ଆଉ ଫେରି ନଥିଲେ। ସନ୍ଧ୍ୟା ଯାଏଁ ନ ଫେରିବାରୁ ପରିବାର ଖୋଜାଖୋଜି କରି ତାଙ୍କ ସାଇକେଲଟି ପୋଖରୀ ନିକଟରେ ଥିବା ଦେଖିବାକୁ ପାଇଥିଲେ। ବୁଡ଼ି ଯାଇଥିବା ସନ୍ଦେହରେ ଗ୍ରାମବାସୀ ଖୋଜାଖୋଜି କରି ରାତି ୯ଟାରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମକେସିଜି ହସପିଟାଲକୁ ପଠାଇଥିଲା। ଏ ନେଇ ନଂ. ୧୩/୨୪ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା କହିଛନ୍ତି।

# ପ୍ରବାସୀ ଉତ୍କଳ ବ୍ରାହ୍ମଣ ପରିବାର ପକ୍ଷରୁ ପର୍ଶୁରାମଙ୍କ ଜୟନ୍ତୀ



ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର,୧୧।୫(ବାବୁଲା ପ୍ରଧାନ): ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଶୁକ୍ରବାର ଅକ୍ଷୟ ତୃତୀୟ ଅବସରରେ ସୁରଟରେ ଉତ୍କଳ ବ୍ରାହ୍ମଣ ପରିବାର ତରଫରୁ ପାଳିତ ହୋଇଯାଇଛି। ସୁରଟରେ ଅବସ୍ଥିତ ପ୍ରବାସୀ ମହିଳା ଓ ପୁରୁଷ ହାତରେ ଧ୍ୱଜା ଧରି ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହାପରେ ସନ୍ଧ୍ୟାରେ ଭଗବାନଙ୍କ ଜୀବନୀ ଉପରେ ଆଧାରିତ ନାଟକ ପରିବେଷଣ ହୋଇଥିଲା। ଅତିଥି ଭାବେ ଶୁଭେନ୍ଦୁ ପଣ୍ଡା, ଉଦୟ ଶଙ୍କର ସେଠି ଓ ବିନୟଭାଇ ଶୁକ୍ଲା ଯୋଗଦେଇ ଭଗବାନ ପର୍ଶୁରାମଙ୍କ ବିରତ୍ୱ, ସାହାସିକତା ବିଷୟରେ ଅବଗତ କରାଇଥିଲେ। ଉତ୍କଳ ବ୍ରାହ୍ମଣ ପରିବାରର ସଭାପତି ଭାବଗ୍ରାହୀ ପଣ୍ଡାଙ୍କ ତତ୍ତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁରଟ ତଥା ଆଖପାଖ ଅଞ୍ଚଳରୁ ବହୁ ଓଡ଼ିଆ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ଲୋକ ଅଦାଲତରେ ୧୫୫୮ ମାମଲା ସମାଧାନ

ପାରଳାଖେମୁଣ୍ଡି, ୧୧।୫ (ଗିରିଧାରୀ ପରିଛା): ଗଜପତି ଜିଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ଶନିବାର ଦ୍ୱିତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ତଥା ଦୌରାଜଜ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଧୀକରଣର ସଚିବ ରବି ନାରାୟଣ ବେହେରା ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ। ପରିବାର ଅଦାଲତ ଜଜ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲା ଜଜ୍ ପ୍ରଦୀପ କୁମାର ସାମଲ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ଶେଠୀ, ସବଜଜ ସନ୍ତୋଷ କୁମାର ଅଗ୍ରୱାଲ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁବାଶିଷ ପାଣି ପ୍ରମୁଖ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଆର. ଉଦୟଗିରିରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସବ ଜଜ୍ ପୂର୍ଣ୍ଣ୍ୟଶ୍ଳୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ କୁମାର ସେଠି, ମୋହନା କୋର୍ଟ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରୀ ଶୁଭଜିତ ବେହେରା ଓ କାଶିନଗର ଗ୍ରାମ୍ୟ ନ୍ୟାୟାଳୟର ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରିଣୀ ଅଙ୍କିତା ଗୁରୁ ପ୍ରମୁଖ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଲୋକ ଅଦାଲତରେ ସମୁଦାୟ ୨୦୯୪ଟି ମାମଲା ବିଚାରକୁ ନିଆଯାଇ ୧୫୫୮ଟି ମାମଲା ସମାଧାନ କରାଯାଇ ୧୩୨୭୮୧୧ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବ୍ୟାଙ୍କମାନେ ଉପସ୍ଥିତ ରହି ୩୯୦ ଟି କେସରୁ ୩୦ଟି ସମାଧାନ କରି ୬୭୭୮୫୦ ଟଙ୍କା ଜରିମାନା ଆଦାୟ କରିଥିଲେ।

### ୭୦ କେଜି ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ

ବ୍ରହ୍ମପୁର,୧୧।୫(ସୁବାସ ଚନ୍ଦ୍ର ପାଢ଼ୀ): ଅବକାରୀ ଗୋଇନ୍ଦା ବିଭାଗ ଶୁକ୍ରବାର ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁରଠାରୁ ଏକ ଗଞ୍ଜେଇ ଭର୍ତ୍ତି କାର ଜବତ କରିଛି। ଗଞ୍ଜେଇ ବ୍ୟବସାୟୀଙ୍କୁ ବି ଗିରଫ କରିଛି। ଅଭିଯୁକ୍ତ ଜଣକ ବାଲେଶ୍ୱର ସିଂଲା ଥାନା ଜମାଲପୁର ଗାଁର ସରୋଜ କୁମାର ମିଶ୍ର । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଶନିବାର ସରୋଜଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଗୋଇନ୍ଦା ଡିଏସପି ସ୍ନେହଲତା ନାୟକ ସୂଚନା ଦେଇଛନ୍ତି। ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶରେ ଏକ ଟିମ ଆଙ୍କୁଶପୁର ଛକରେ ଯାନବାହନ ଯାଞ୍ଚ କରୁଥିଲେ। ବ୍ରହ୍ମପୁର ଅଭିମୁଖେ ଆସୁଥିବା କାର ନଂ.ଓଆର୦୨ ବିପି୫୫୧୭କୁ ଅଟକାଇ ଯାଞ୍ଚ କରାଯାଇଥିଲା। କାର ଭିତରୁ ୭୦ କେଜି ଗଞ୍ଜେଇ ଜବତ ହୋଇଥିଲା। ସରୋଜଙ୍କୁ ଜେରା ବେଳେ ଉକ୍ତ ଗଞ୍ଜେଇ କନ୍ଧମାଳରୁ ଆଣି ବ୍ରହ୍ମପୁର ଦେଇ ବାଲେଶ୍ୱର ଚାଲାଣ କରୁଥିଲେ ବୋଲି ସ୍ୱୀକାର କରିଥିଲେ।

# ବିପୁଳ ବିଦେଶୀ ମଦ ଜବତ, ୧ ଗିରଫ

ପାରଳାଖେମୁଣ୍ଡି, ୧୧।୫ (ଗିରିଧାରୀ ପରିଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପୁରାଣ ଫାୟାର ଷ୍ଟେଶନଠାରୁ ପୁରୁଣାପାଟଣା ଅଭିମୁଖେ ଗୋଟିଏ ବୋଲେରୋରେ ବିଦେଶୀ ମଦ ବୋଝେଇ ହୋଇ ଯାଉଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ଜବତ କରିଛି। ସେଥିରୁ ୧୧୮ କାର୍ଟୁନ ମଦ ଆନ୍ଧ୍ରକୁ ଚାଲାଣ ହେଉଥିବା ଜଣାପଡିଥିଲା। ଜବତ ମଦ ପାରଳାଖେମୁଣ୍ଡି ସହରର ଗ୍ରୀନ ପାର୍କ ନାମକ ଏକ ବିଦେଶୀ ମଦ ଦୋକାନରୁ ଅନ୍ଧ୍ରକୁ ଚାଲାଣ କରାଯାଉଥିବା ଜଣାପଡିଛି। ଗାଡ଼ିର ଡ୍ରାଇଭର ବି. ଶଙ୍କର ରାଓଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ଆନ୍ଧ୍ର ପ୍ରଦେଶର ସାରୁଆ କୋଟା ଥାନା ଅନ୍ତର୍ଗତ ରାଇୱର୍ଡା ଗ୍ରାମର ବୋଲି ଜଣାପଡିଛି। ଗ୍ରୀନ ପାର୍କ ମାଲିକ ଆର ରମେଶ ଚୌଧୁରୀ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଜଣାପଡିବା ପରେ ପୋଲିସ ଏକ ମାମଲା ୧୬୬/୨୪ ରୁଜୁ କରିଛି। ପୋଲିସ ବି ଶଙ୍କରଙ୍କୁ ଗିରଫ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମତଦାତା ସଚେତନତା

ବ୍ରହ୍ମପୁର,୧୧।୫(ସ୍ମୃତି ରଞ୍ଜନ ମହାଲିକ): ଖଲିକୋଟ ବିଶ୍ୱବିଦ୍ୟାଳୟ ନିକଟରେ ଶନିବାର ମତଦାତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାଇଏସଡି, ଅରୁଣା, ଇସାରା ଓ ଜିପିଏସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭୋଟରଙ୍କୁ ସଚେତନ କରାଯାଇଥିଲା। ନାଗରିକଙ୍କୁ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଆସନ୍ତା ୧୩ ତାରିଖରେ ସମସ୍ତଙ୍କୁ ଭୋଟ ଦେବାକୁ ନିର୍ଣ୍ଣୟ କରିବାକୁ କୁହାଯାଇଥିଲା। ବିଶେଷକରି ଭୋଟରଙ୍କୁ ଭୋଟର ତାଲିକାରେ ନିଜର ନାମ ସୁନିଶ୍ଚିତ କରାଇବା, ନିଜର ମତଦାନ କେନ୍ଦ୍ର ଚିହ୍ନଟ କରିବା, ମତଦାନର ସମୟ, ବୁଥକୁ ଯିବା ସମୟରେ ଆବଶ୍ୟକ କାଗଜପତ୍ର, ଇଭିଏମରେ ନିଜର ମନ ପସନ୍ଦ ପ୍ରାର୍ଥୀଙ୍କୁ କିଭଳି ଭୋଟ ଦିଆଯିବ ଓ ନିଜ ପରିବାର, ବନ୍ଧୁ ଓ ସାଙ୍ଗ ସାଥୀଙ୍କୁ ଭୋଟଦାନ କରିବା ପାଇଁ ଉତ୍ସାହିତ କରିବାକୁ ବୁଝାଯାଇଥିଲା। ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା ଯୁବକ ଓ ଯୁବତୀଙ୍କୁ ପୋଲିଂ ପ୍ରକ୍ରିୟା ଉପରେ କୁହାଯାଇଥିଲା। ସ୍ୱେଚ୍ଛାସେବୀମାନେ ସକାଳୁ ପୋଷ୍ଟର ଓ ଦସ୍ତଖତ ଅଭିଯାନ ମାଧ୍ୟମରେ ମତଦାତାଙ୍କୁ ସେହି ଦିନ ଭୋଟ କେନ୍ଦ୍ରକୁ ଯାଇ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ୱାଇଏସଡି ସ୍ୱେଚ୍ଛାସେବୀ ଅନୁଷ୍ଠାନର ବିଭୂ ପ୍ରସାଦ ସାହୁ, ଅରୁଣା ଅନୁଷ୍ଠାନର ପ୍ରତିଷ୍ଠାତା ଲୋକନାଥ ମିଶ୍ର, ଜିପିଏସଏସ ଅନୁଷ୍ଠାନର ପ୍ରତିଷ୍ଠାତା ବୃନ୍ଦାବନ ପଣ୍ଡାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



ଦସ୍ତଖତ ଅଭିଯାନ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଉଛି।

# ମୋହନା ନିର୍ବାଚନମଣ୍ଡଳୀ ପାଇଁ ପୋଲିଂ ପାର୍ଟି ପ୍ରସ୍ତୁତ



ପୋଲିଂ କର୍ମଚାରୀମାନେ ନିଜ ନିଜ ବୁଥକୁ ଯାଉଛନ୍ତି।

ପାରଳାଖେମୁଣ୍ଡି, ୧୧।୫ (ଗିରିଧାରୀ ପରିଛା): ଗଣତନ୍ତ୍ରର ସବୁଠୁ ବଡ ପର୍ବ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗଜପତି ଜିଲାର ମୋହନା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ପାର୍ଟି ପ୍ରସ୍ତୁତ। ପାରଳାଖେମୁଣ୍ଡି କୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରୁ ପୁଲିଂ ପାର୍ଟି ଯିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ଆୟୋଜନ କରାଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମୋହନା ନିମନ୍ତେ ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ପ୍ରଶାସନ ତରଫରୁ ୪୧୦୦ ସରକାରୀ ଓ ବେସରକାରୀ କର୍ମଚାରୀଙ୍କୁ ୨୯୭ ବୁଥ ପାଇଁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି । ପ୍ରତି ପୋଲିଂ ପାର୍ଟିଙ୍କ ପାଇଁ ଇଭିଏମ, ଭିଭିପାର୍ଟ ସହ ବ୍ୟାଟେରୀ, ଚାର୍ଜିଂ ଲାଇଟ, ଫାଷ୍ଟଏଡ଼ ପାଇଁ ଔଷଧ ବୁଥଗୁଡିକରେ ବିଦ୍ୟୁତ ବ୍ୟବସ୍ଥା, ପୁଲିଂପାର୍ଟି ଗନ୍ତବ୍ୟ ସ୍ଥଳୀ ଯିବା ପାଇଁ ୧୭୪ଟି ବସ ଓ ଛୋଟ ଗାଡି ବ୍ୟବସ୍ଥା କରାଯାଇଛି । ଚଳିତ ଥର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଭଲଭାବେ କରାଯାଇଥିବା ପୋଲିଂ ଅଫିସର ରମାକାନ୍ତ ପଟ୍ଟନାୟକ, ଅମୂଲ୍ୟ ପାଣିଗ୍ରାହୀ, ଅମୂଲ୍ୟ ପାତ୍ର ପ୍ରମୁଖ କହିଛନ୍ତି। ୨୯୭ ବୁଥ ପାଇଁ ଜଣ ଲେଖାଏଁ ପୋଲିସ କର୍ମଚାରୀ ନିଯୁକ୍ତି କରାଯାଇଛି। ଏହାଛଡା କୌଣସି ଆପ୍ରୀତିକର ପରିସ୍ଥିତିକୁ ଏଡେଇବା ପାଇଁ ସିଆଇଏସଏଫ, ତ୍ରିପୁରା ଓ କେରଳରୁ ସ୍ୱତନ୍ତ୍ର ଆର୍ମଫୋର୍ସ ଆସିଛନ୍ତି। ଏହା ସହ ସ୍ଥାନୀୟ ପୋଲିସକୁ ମଧ୍ୟ ସୁରକ୍ଷାରେ ନିୟୋଜିତ କରାଯାଇଛି। ୨୯୭ଟି ବୁଥ ପାଇଁ ପ୍ରତି ପୋଲିଂ ପାର୍ଟି, ସେକ୍ଟର ଅଫିସରଙ୍କ ସହ ପୋଲିସକୁ ନିୟୋଜିତ କରାଯାଇଥିବା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ କହିଛନ୍ତି। ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀର ସମୁଦାୟ ୨,୪୫,୯୧୨ ଜଣ ଭୋଟର ଆସନ୍ତା ୧୩ ତାରିଖ ଦିନ ନିଜ ମତ ସାବ୍ୟସ୍ତ କରିବେ।

# ପଶୁପକ୍ଷୀଙ୍କ ସହାୟକ ସାଜିଛନ୍ତି ସୁକାନ୍ତ

ପୋଲସରା,୧୧।୫(ସୁବ୍ରତ ବେହେରା) ପୋଲସରା ବ୍ଲକ ଅନ୍ତର୍ଗତ ରୁମାଗଡ଼ ଗ୍ରାମପଞ୍ଚାୟତ ରୁମାଗଡ଼ ଗ୍ରାମର ପୋଲସରା ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଥିବା ସୁକାନ୍ତ କୁମାର ଦାଶ ଜଣେ ପ୍ରକୃତି ପ୍ରେମୀ ଅଟନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ସାରା ଓଡିଶା ତାତିଲା କଡେଇରେ ଭାଜି ହୋଇଥିବା ବେଳେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି। ପାହାଡ଼ ପର୍ବତ ତଳେ ଥିବା ଜଳାଶୟରେ ଟୋପାଏ ବି ଜଳ ନାହିଁ। ଏପରି ସ୍ଥଳେ ପକ୍ଷୀ ଓ ପଶୁଙ୍କ ପାଇଁ ସହାୟକ ସାଜିଛନ୍ତି ସୁକାନ୍ତ କୁମାର ଦାଶ। ସେ ପାହାଡ଼ ତଳେ ଥିବା ବିଭିନ୍ନ ବୃକ୍ଷର ଡାଳ ଗୁଡ଼ିକରେ ପ୍ଲାଷ୍ଟିକ ବଡ଼ ବୋତଲର ମଝି ଭାଗର କିଛି ଅଂଶ କାଟି, ବିଭିନ୍ନ ରକମର ଛୋଟ ଛୋଟ ପ୍ଲାଷ୍ଟିକ ଗିନା ଆଦିକୁ ସୁତୁଲି ଦ୍ୱାରା ବାନ୍ଧି ପଶୁ ପକ୍ଷୀମାନଙ୍କ ପାଇଁ କିଛି ଖାଦ୍ୟ ଓ ପାଣି ପ୍ରତିଦିନ ରଖିଥାନ୍ତି। ଯାହାକି ବିଭିନ୍ନ ପକ୍ଷୀ ସମୂହ ଖୁସିରେ ଖାଦ୍ୟ ପାଣିକୁ ସେବନ କରନ୍ତି। ପୁରୁଣା ବାଲଟିରେ ପଶୁମାନଙ୍କ ପାଇଁ ଜଳ ରଖିଥାନ୍ତି। ଆଜିକାଲି ବ୍ୟସ୍ତ ବହୁଳ ଦୁନିଆ ଭିତରେ ନିଜର ସମୟ ଦେବା ସହ ନିଜର ଦୈନନ୍ଦିନ କାର୍ଯ୍ୟ ଓ ବିଦ୍ୟୁତ ବିଭାଗ କାର୍ଯ୍ୟ ସହ ଏପରି ପ୍ରକୃତି ଓ ପରିବେଶକୁ ସୁରକ୍ଷା ସନ୍ତୁଳିତ ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି ସୁକାନ୍ତ କୁମାର ଦାଶ। ରୁମାଗଡ଼ ଗ୍ରାମପଞ୍ଚାୟତ ଅଞ୍ଚଳର ଗ୍ରାମରେ ବହୁବର୍ଷ ଧରି ବିଭିନ୍ନ ରକମର ବୃକ୍ଷ ଲଗାଇ ଆସୁଛନ୍ତି। ପ୍ରକୃତି ଓ ପରିବେଶ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକୃତିବନ୍ଧୁ ପୁରସ୍କାର ମଧ୍ୟ ପାଇଛନ୍ତି। ତାଙ୍କରି ପିତା ସ୍ୱର୍ଗତ ସଦାଶିବ ଦାଶ ଜଣେ ରୁମାଗଡ଼ ଗ୍ରାମପଞ୍ଚାୟତ ସରପଞ୍ଚ ଥିଲେ। ସେ ଜଣେ ପ୍ରକୃତି ପ୍ରେମୀ ନିଜସ୍ୱ ଉଦ୍ୟମରେ ସେ ବହୁ ବୃକ୍ଷ ରୋପଣ କରି ଏକ ସବୁଜ ଉଦ୍ୟାନ ସୃଷ୍ଟି କରିପାରିଛନ୍ତି। ସୁକାନ୍ତ ଦାଶ ମତରେ, ପଶୁପକ୍ଷୀମାନେ କଥା କହିନପାରିଲେ ମଧ୍ୟ ଆମର ଯେପରି ଜୀବନ, ତାଙ୍କରି ବି ସେପରି ଜୀବନ। ପଶୁପକ୍ଷୀଙ୍କ ସୁରକ୍ଷା, ବଞ୍ଚିବା ପାଇଁ ଆମେ ସର୍ବଦା ଯତ୍ନବାନ ହେବା ଉଚିତ। ଜଙ୍ଗଲରେ ଅଗ୍ନି ସଂଯୋଗ ନକରିବା, ଜଙ୍ଗଲରୁ ବୃକ୍ଷ କାଟିବା ଉଚିତ ନୁହେଁ। ଆମେ ସମସ୍ତେ ନିଜ ନିଜର ବାଡ଼ି ବଗିଚାରେ ନୂତନ ବୃକ୍ଷ ଲଗାଇ ଯତ୍ନ ନେବା ଆବଶ୍ୟକ। ଯଦ୍ୱାରା ପ୍ରକୃତି ପରିବେଶ ସନ୍ତୁଳିତ ହେବା ସହ ପ୍ରତିବର୍ଷ ବାୟୁମଣ୍ଡଳର ତାପମାତ୍ରା ହ୍ରାସ ପାଇବାରେ ସହାୟକ ହୋଇପାରିବ। ସୁକାନ୍ତଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।



ପକ୍ଷୀଙ୍କ ପାଇଁ ପାଣି ରଖୁଛନ୍ତି ସୁକାନ୍ତ।

